NATIONAL NEWS BULLETIN (ODIA)

17 November- 2026

Morning Bulletin : 7.15 a.m.

****

ମୁଖ୍ୟ ସମ୍ବାଦ

- ମାନିଲାରେ ଆଜି ୨୩ତମ ଆସିଆନ ଭାରତ ଶିଖର ସମ୍ମିଳନୀ ଏବଂ ୨୧ତମ ପୂର୍ବ ଏସିଆ ଶିଖର ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ ।
- ଭାରତର ଦୃଢ଼ ଆର୍ଥିକ ଗତି ଓ ସକାରାତ୍ମକ ଆର୍ଥିକ ସମ୍ଭାବନା ପୁଞ୍ଜିନିବେଶ ଲାଗି ସୁଯୋଗ ସୃଷ୍ଟି କରିଛି, କହିଲେ କେନ୍ଦ୍ର ଅର୍ଥମନ୍ତ୍ରୀ ।
- କ୍ୱାଡ୍ ନେତାମାନଙ୍କ ସହ ବୈଠକରେ ଯୋଗଦେବା ଲାଗି ଫିଲିପାଇନ୍ସ ଏବଂ ଚୀନ୍ ଗସ୍ତରେ ଆମେରିକା ରାଷ୍ଟ୍ରପତି ।
- ହର୍ମୁଜ୍ ପ୍ରଣାଳୀ ଏବଂ ଆଖପାଖ ଅଞ୍ଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ୪ଟି ତୈଳବାହି ଟ୍ୟାଙ୍କର କ୍ଷତିଗ୍ରସ୍ତ ।

ଏବଂ

- ଆକାଶବାଣୀ ପକ୍ଷରୁ ଆଜିଠାରୁ ଆରମ୍ଭ ହେଉଛି ଯୁବ କଳାକାରଙ୍କ ଦ୍ୱାରା ପ୍ରସ୍ତୁତ ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ଆକାଶବାଣୀ ରାଇଜିଂ ଷ୍ଟାର୍ସ୍' ।

ପିଏମ୍-ମାନିଲା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଫିଲିପାଇନ୍ସର ରାଜଧାନୀ ମାନିଲାରେ ୨୩ତମ ଆସିଆନ୍-ଭାରତ ଶିଖର ସମ୍ମିଳନୀ ଏବଂ ୨୧ତମ ପୂର୍ବ ଏସିଆ ଶିଖର ସମ୍ମିଳନୀରେ ଭାଗ ନେବେ । ୨୦୨୬ ବର୍ଷ ପାଇଁ ଆସିଆନ୍ର ଅଧ୍ୟକ୍ଷତା କରୁଥିବା ଫିଲିପାଇନ୍ସ ଏହି ଦୁଇଟି ଶିଖର ସମ୍ମିଳନୀରେ ମଧ୍ୟ ଅଧ୍ୟକ୍ଷତା କରୁଛି ।

ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଆସିଆନ୍ ସଦସ୍ୟ ଦେଶଗୁଡ଼ିକର ନେତୃବୃନ୍ଦଙ୍କ ସହ ଭାରତର ରଣନୈତିକ ଭାଗିଦାରିତା ଏବଂ ଆଞ୍ଚଳିକ ସହଯୋଗ ଓ ଦୃଢ଼ତା ନେଇ ଆଲୋଚନା କରିବେ । ୨୩ତମ ଆସିଆନ୍-ଭାରତ ସମ୍ମିଳନୀରେ ରଣନୈତିକ ଭାଗିଦାରିତାର ଅଗ୍ରଗତି ସମୀକ୍ଷା ସହ ୨୦୨୬ରୁ ୨୦୩୦ ପର୍ଯ୍ୟନ୍ତ ଆସିଆନ୍-ଭାରତ ଯୋଜନାର ଅଗ୍ରଗତି ଓ ଭବିଷ୍ୟତର ସହଯୋଗ ନେଇ ମଧ୍ୟ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ମୋଦୀ ୨୧ତମ ପୂର୍ବ ଏସୀୟ ସମ୍ମିଳନୀରେ ଯୋଗଦେବା ସହ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ବିକାଶ ସମ୍ପର୍କିତ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରିବେ । ଏହି ଆଲୋଚନାରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ସ୍ଥିରତା, ସୁରକ୍ଷା ଏବଂ ସହଯୋଗ ବିଷୟରେ ବିସ୍ତୃତ ଆଲୋଚନା କରାଯିବ । ଚଳିତ ବର୍ଷ ଭାରତ ଏବଂ ଆସିଆନ୍ ସାମୁଦ୍ରିକ ସହଯୋଗ ବର୍ଷ ପାଳନ କରୁଥିବା ବେଳେ ଉଭୟ ଦେଶ ମଧ୍ୟରେ ଆସନ୍ତାବର୍ଷ ରଣନୈତିକ ସହଭାଗିତା ପୂର୍ଣ୍ଣ ସମ୍ପର୍କକୁ ୫ ବର୍ଷ ପୂରଣ ହେବାକୁ ଯାଉଛି ।

ଶେଖାଓ୍ୱତ-ଟ୍ରାନ୍ସଫର୍ମ ଇଣ୍ଡିଆ ସମିଟ୍

କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାଓ୍ୱତ କହିଛନ୍ତି, ସରକାର ସଂସ୍କୃତି ଏବଂ ଐତିହ୍ୟର ସଂରକ୍ଷଣ ସହିତ ରୋଜଗାର, ଜୀବିକା, ନବସୃଜନ ଏବଂ ଉଦ୍ୟମିତା ସହ ଏହାକୁ ସଂଗଲଗ୍ନ କରିବା ଲାଗି ପ୍ରତିବଦ୍ଧ । ଗତକାଲି ନୂଆଦିଲ୍ଲୀରେ ଆୟୋଜିତ ଟ୍ରାନ୍ସଫର୍ମ ଇଣ୍ଡିଆ ସମିଟ୍ ୨୦୨୬କୁ ସମ୍ବୋଧିତ କରି ଶ୍ରୀ ଶେଖାଓ୍ୱତ କହିଛନ୍ତି, ଭାରତର ଐତିହ୍ୟ କେବଳ ଏହାର ଗୌରବଶାଳୀ ଅତୀତର ପ୍ରତିକ ନୁହେଁ ବରଂ ଆତ୍ମନିର୍ଭର ଓ ବିକଶିତ ରାଷ୍ଟ୍ରର ଉଜ୍ୱଳ ଭବିଷ୍ୟତ ନିର୍ମାଣ ପାଇଁ ଏକ ଦୃଢ଼ ଶକ୍ତି ।

ଗଣମାଧ୍ୟମ ସହ ଆଲୋଚନା ସମୟରେ ଶ୍ରୀ ଶେଖାଓ୍ୱତ କହିଛନ୍ତି, ଭାରତର ରଚନାତ୍ମକ କ୍ଷମତା ଏବଂ ବିବିଧତା ଏହାର ପ୍ରକୃତ ଶକ୍ତି ଅଟେ । ସେ କହିଛନ୍ତି, ଭାରତର ରଚନାତ୍ମକ ଅର୍ଥ ବ୍ୟବସ୍ଥା ବିକାଶର ଏକ ପ୍ରମୁଖ ସ୍ତମ୍ଭ ଭାବେ ବିଶ୍ୱସ୍ତରରେ ପରିଚୟ ଲାଭ କରୁଛି । ଏହା ଯୋଗୁଁ ଦେଶରେ ନୂତନ ସୁଯୋଗ ସୃଷ୍ଟି ହେଉଛି ବୋଲି ସେ କହିଛନ୍ତି । **V/O**

ସୀତାରମଣ-ଆମେରିକା

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନୂଆଦିଲ୍ଲୀରେ ଆମେରିକା-ଭାରତ ରଣନୈତିକ ସହଭାଗିତା ମଞ୍ଚର ପ୍ରତିନିଧି ମଣ୍ଡଳୀଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ବୈଠକ କାଳରେ ଶ୍ରୀମତୀ ସୀତାରମଣ ଭାରତର ଦୃଢ଼ ଆର୍ଥିକ ଗତି ଏବଂ ସକାରାତ୍ମକ ଆର୍ଥିକ ସମ୍ଭାବନା ଉପରେ

ଆଲୋକପାତ କରିଛନ୍ତି । ସେ କହିଛନ୍ତି, ଏହି ପରିସ୍ଥିତି ଭାରତରେ ପୁଞ୍ଜିନିବେଶ ଲାଗି ସୁଯୋଗ ସୃଷ୍ଟି କରିଛି । ପ୍ରତିନିଧି ମଣ୍ଡଳୀ ଭାରତରେ ପୁଞ୍ଜିନିବେଶ ଜାରି ରଖିବା ଲାଗି ପ୍ରତିବଦ୍ଧତା ପ୍ରକାଶ କରିଛି ।

ସୂଚନା ଅନୁଯାୟୀ ଅନୁସନ୍ଧାନ ଏବଂ ବିକାଶ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ କରାଯିବାର ସମ୍ଭାବନା ରହିଛି । ଏହା ଭାରତର ବିକାଶ ଯାତ୍ରା ଏବଂ ନବସୃଜନ ସମ୍ପନ୍ନ ପରିସ୍ଥିତି ପ୍ରତି ପ୍ରତିନିଧି ମଣ୍ଡଳୀର ବିଶ୍ୱାସ ଦର୍ଶାଉଛି ।

ଟ୍ରମ୍ପ-କ୍ୱାଡ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଫିଲିପାଇନ୍ସ ଏବଂ ଚୀନ୍ ଗସ୍ତ ଆରମ୍ଭ କରିଛନ୍ତି । ଏହି ଯାତ୍ରା କାଳରେ ଶ୍ରୀ ଟ୍ରମ୍ପ୍ କ୍ୱାଡ୍ ନେତାମାନଙ୍କ ବୈଠକରେ ଯୋଗଦେବା ସହ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏଥିସହିତ ଶ୍ରୀ ଟ୍ରମ୍ପ୍ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ସହ ତ୍ରିପକ୍ଷିୟ ଆଲୋଚନା କରିବେ । ମାନିଲାରେ ଶ୍ରୀ ଟ୍ରମ୍ପ୍ କ୍ୱାଡ୍ ନେତମାନଙ୍କ ସହ ସାକ୍ଷାତ କରିବାର ଯୋଜନା ରହିଛି । କ୍ୱାଡ୍‌ରେ ଭାରତ, ଅଷ୍ଟ୍ରେଲିଆ, ଜାପାନ ଏବଂ ଆମେରିକା ସଦସ୍ୟ ଅଛନ୍ତି । ହ୍ୱାଇଟ୍ ହାଉସ୍‌ର ସହାୟକ ପ୍ରେସ୍ ସଚିବ କହିଛନ୍ତି, ଶ୍ରୀ ଟ୍ରମ୍ପ୍ ଥାଇଲାଣ୍ଡ ସହିତ ଏକ ବାଣିଜ୍ୟିକ ବୁଝାମଣାପତ୍ରରେ ସ୍ୱାକ୍ଷର କରିବେ ଏବଂ ଆମେରିକା-ଆସିଆନ ସ୍ୱତନ୍ତ୍ର ଶିଖର ସମ୍ମିଳନୀରେ ଭାଗ ନେବେ । ଏହି ଯାତ୍ରା କାଳରେ ଶ୍ରୀ ଟ୍ରମ୍ପ୍

ଫିଲିପାଇନ୍ସର ରାଷ୍ଟ୍ରପତି ଫର୍ଡିନାଣ୍ଡ ମାକ୍ରୋସ୍ ଜୁନିୟର୍‌ଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ ।

ଅମିତ ଶାହା–ଆନ୍ଧ୍ରପ୍ରଦେଶ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଗଣମାଧ୍ୟମ ଜଗତର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ରାମଜୀ ରାଓ ଏଭଳି ଏକ ସଂସ୍ଥା ଯାହା ସାମ୍ବାଦିକତା, ସିନେମା, ଶିକ୍ଷା ଏବଂ ସାମାଜିକତା କ୍ଷେତ୍ରରେ ପରବର୍ତ୍ତୀ ପିଢ଼ିଗୁଡ଼ିକୁ ପ୍ରେରଣା ଯୋଗାଇବ । ଶ୍ରୀ ଶାହା କହିଛନ୍ତି, ବ୍ୟକ୍ତିଗତ ସଫଳତା ପାଇଁ ସଂଘର୍ଷ କରୁଥିବା ଲୋକମାନେ ମହାନ ହୋଇଥାନ୍ତି କିନ୍ତୁ ମୂଲ୍ୟବୋଧ ଏବଂ ସିଦ୍ଧାନ୍ତକୁ ନେଇ ସଂଘର୍ଷ କରୁଥିବା ଲୋକମାନେ ମହାନ ବ୍ୟକ୍ତିତ୍ୱ ପାଲଟିଥାନ୍ତି ।

ଗତକାଲି ସନ୍ଧ୍ୟାରେ ବିଜୟୱାଡ଼ାରେ ରାମଜୀ ରାଓଙ୍କ ୯୦ତମ ଜୟନ୍ତୀ ଅବସରରେ ଆୟୋଜିତ ରାମଜୀ ଏକ୍ସିଲେନ୍ସ ଆୱାର୍ଡ୍ସ୍ ସମାରୋହକୁ ସମ୍ବୋଧିତ କରି ଶ୍ରୀ ଶାହା କହିଛନ୍ତି, ରାମଜୀ ରାଓ ରାଜନୈତିକ ଏବଂ ଆର୍ଥିକ ଚାପ ସତ୍ତ୍ୱେ ସ୍ୱତନ୍ତ୍ର ସାମ୍ବାଦିକତାର ସିଦ୍ଧାନ୍ତକୁ ବଜାୟ ରଖିପାରିଥିଲେ । ଶ୍ରୀ ଶାହା ରାମଜୀରାଓଙ୍କ ବିଚାରଧାରାର ସ୍ପଷ୍ଟତା, ଦୃଢ଼ ବିଶ୍ୱାସ ଏବଂ ରାଷ୍ଟ୍ରୀୟ ସମସ୍ୟାର ଗଭୀର ଚିନ୍ତାଧାରାକୁ ପ୍ରଶଂସା କରିଥିଲେ ।

ଏହି ଅବସରରେ ଶ୍ରୀ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଆର୍ଥିକ ବିକାଶ, ଭିତ୍ତିଭୂମି ନିର୍ମାଣ, ବାଣିଜ୍ୟ ଏବଂ ରାଷ୍ଟ୍ରୀୟ ସୁରକ୍ଷା କ୍ଷେତ୍ରରେ ବିକାଶ ଲାଭ କରୁଛି । ରପ୍ତାନୀରେ ବୃଦ୍ଧି, ବିମାନ

ବନ୍ଦର ସମ୍ପ୍ରସାରଣ ଏବଂ ଗ୍ରାମାଞ୍ଚଳ କ୍ଷେତ୍ରରେ ଫୋର୍-ଜି ସଂଯୋଗୀକରଣ ତଥା ଭିତ୍ତିଭୂମି କ୍ଷେତ୍ରରେ ହୋଇଥିବା ପ୍ରଗତି ସମ୍ପର୍କରେ ଶ୍ରୀ ଶାହା ଆଲୋକପାତ କରିଛନ୍ତି । ସେ କହିଛନ୍ତି, ଆଗାମୀ ବର୍ଷଗୁଡ଼ିକରେ ଭାରତର ରପ୍ତାନୀ ପରିମାଣ ୧ ଲକ୍ଷ କୋଟି ଡଲାର୍ ଅତିକ୍ରମ କରିବ । ରାଷ୍ଟ୍ରୀୟ ସୁରକ୍ଷା ସମ୍ପର୍କରେ ଶ୍ରୀ ଶାହା କହିଛନ୍ତି, ଦେଶ ସମ୍ବିଧାନର ଧାରା ୩୭୦ ଉଚ୍ଛେଦ କରିବା ଏବଂ ମାଓବାଦ ଶେଷ କରିବା କ୍ଷେତ୍ରରେ ସଫଳତା ଅର୍ଜନ କରିଛି ।

ଆକାଶବାଣୀ ରାଇଜିଂ ଷ୍ଟାର୍ସ

ଆକାଶବାଣୀ ପକ୍ଷରୁ ଆଜି ୩୦ ବର୍ଷ ବୟସରୁ କମ୍ ଯୁବ କଳାକାରଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମର ଶୃଙ୍ଖଳା ଆକାଶବାଣୀ ରାଇଜିଂ ଷ୍ଟାର୍ସ୍‌ର ପ୍ରଥମ ସଂସ୍କରଣର ଶୁଭାରମ୍ଭ କରିବ । ଯୁବ ସଂଗୀତ ପ୍ରତିଭା ମାନଙ୍କୁ ରାଷ୍ଟ୍ରୀୟ ମଞ୍ଚ ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହା ଅଧୀନରେ ଆଜିଠାରୁ ୩୦ ତାରିଖ ପର୍ଯ୍ୟନ୍ତ ୨୬ଟି ସ୍ଥାନରେ ସଂଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯିବ ।

ଆକାଶବାଣୀକୁ ୯୦ବର୍ଷ ପୂରଣ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହାର ଉଦ୍ଦେଶ୍ୟ ହେଉଛି ଯୁବ ସଂଗୀତ ପ୍ରତିଭାମାନଙ୍କୁ ଜାତୀୟସ୍ତରରେ ପରିଚୟ ପ୍ରଦାନ କରିବା ଏବଂ ଲୋକମାନଙ୍କ ସହ ପରିଚିତ କରିବା । ସୂଚନା ଅନୁଯାୟୀ ଏହି କାର୍ଯ୍ୟକ୍ରମଗୁଡ଼ିକ ୨୬ଟି ଆକାଶବାଣୀ କେନ୍ଦ୍ର ଆୟୋଜନ କରିବେ ଏବଂ

ଆସନ୍ତାବର୍ଷ ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ୟୁ-ଟ୍ୟୁବ୍‌ରେ ସବୁଠାରୁ ଅଧିକ ଦେଖାଯାଇଥିବା କାର୍ଯ୍ୟକ୍ରମର ୩ଜଣ କଳାକାରଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ । ପ୍ରଥମ ପୁରସ୍କାର ଭାବେ ୨୦ହଜାର ଟଙ୍କା, ଦ୍ୱିତୀୟ ପୁରସ୍କାର ୧୫ହଜାର ଏବଂ ତୃତୀୟ ପୁରସ୍କାର ୧୦ହଜାର ଟଙ୍କା ପ୍ରଦାନ କରାଯିବ ।

ଆମେରିକା-ୟୁରୋପ ଆଡଭାଇଜରି

ମାଦ୍ରିଦରେ ଥିବା ଆମେରିକୀୟ ଦୂତାବାସ ପକ୍ଷରୁ ୟୁରୋପ ଯାତ୍ରା କରୁଥିବା ଆମେରିକୀୟ ନାଗରିକଙ୍କ ପାଇଁ ପରାମର୍ଶ ଜାରି କରିଛି । ଏଥିରେ ପର୍ଯ୍ୟଟନ ସ୍ଥଳୀ, ସପିଂ ମଲ୍ ଏବଂ ପୂଜାସ୍ଥଳୀ ସହିତ ସାର୍ବଜନୀନ ସ୍ଥାନଗୁଡ଼ିକରେ ନାଗରିକଙ୍କୁ ସତର୍କ ରହିବା ଲାଗି ପରାମର୍ଶ ଦିଆଯାଇଛି । ଦୂତାବାସ କହିଛି, ଆତଙ୍କବାଦୀମାନେ ବୃହତ ସଭାକାର୍ଯ୍ୟ ଏବଂ ସାର୍ବଜନୀନ କାର୍ଯ୍ୟକ୍ରମରେ ଆତଙ୍କ ସୃଷ୍ଟି କରିବା ସମ୍ଭାବନା ଥିବାରୁ ନାଗରିକମାନଙ୍କୁ ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ।

ବଦ୍ରିନାଥ ଧାମ

ଉତ୍ତରାଖଣ୍ଡରେ ଚଳିତ ବର୍ଷ ଚାରିଧାମ ଯାତ୍ରାର ସମାପନ ହୋଇଛି । ଗତକାଲି ବଦ୍ରିନାଥର ଦ୍ୱାର ଶୀତ ଋତୁ ପାଇଁ ବନ୍ଦ ହେବା ସହ ଏହି ଯାତ୍ରାକୁ ବନ୍ଦ ରଖାଯାଇଛି । ବୈଦିକ ମନ୍ତ୍ର ଉଚ୍ଚାରଣ ଏବଂ ଧାର୍ମିକ ପରମ୍ପରା ଅନୁଯାୟୀ ସମ୍ପୂର୍ଣ୍ଣ ବିଧିବିଧାନ ସହ ମନ୍ଦିରର ଦ୍ୱାର ବନ୍ଦ କରାଯାଇଥିଲା ।

ଏହି ଅବସରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଏକତ୍ରିତ ହୋଇଥିଲେ । ମନ୍ଦିରର ଦ୍ୱାର ବନ୍ଦ ହେବା ପୂର୍ବରୁ ନିର୍ଦ୍ଧାରିତ ଧାର୍ମିକ ଅନୁଷ୍ଠିତ କରାଯାଇଥିଲା । ପରମ୍ପରା ଅନୁଯାୟୀ ଗର୍ଭଗୃହରେ ଦେବୀ ଲକ୍ଷ୍ମୀଙ୍କୁ ବିରାଜମାନ କରାଯାଇଥିଲା ।

ଚଳିତ ବର୍ଷ ଚାରିଧାମ ଯାତ୍ରାରେ ଦେଶ ବିଦେଶରୁ ୬୫ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଚାରିଧାମ ଦର୍ଶନ କରିଥିଲେ । ୨୩ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ବଦ୍ରିନାଥ ଧାମରେ ଚଳିତ ବର୍ଷ ପହଞ୍ଚିବା ରେକର୍ଡ଼ ସାବ୍ୟସ୍ତ ହୋଇଛି । ଏହା ପୂର୍ବରୁ ଚଳିତ ମାସ ୧୧ ତାରିଖରେ କେଦାରନାଥ ଧାମର ଦ୍ୱାର ସମ୍ପୂର୍ଣ୍ଣ ବିଧିବିଧାନ ସହ ବନ୍ଦ କରାଯାଇଥିଲା । ଚଳିତ ବର୍ଷ ୧୯ ଲକ୍ଷ ୨୦ ହଜାରରୁ ଅଧିକ ଶ୍ରଦ୍ଧାଳୁ କେଦାରନାଥ ଧାମ ଦର୍ଶନ କରିଥିବା ସୂଚନା ମିଳିଛି ।